**ବିଧାନସଭା ଗୃହରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଘୋଷଣା, ତା ୨୩.୦୮ .୨୪**

ଆଜି ଏହି ଶୁଭ ଦିନରେ ମୁଁ ମହିଳା ସଶକ୍ତିକରଣ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଯୁଗାନ୍ତକାରୀ ଯୋଜନା **"ସୁଭଦ୍ରା"** କୁ ରାଜ୍ୟ କ୍ୟାବିନେଟର ଅନୁମୋଦନ ସମ୍ପର୍କରେ ଆପଣମାନଙ୍କୁ ଅବଗତ କରାଉଛି। **୨୨ ଅଗଷ୍ଟ ୨୦୨୪ ତାରିଖରେ** ଲୋକସେବା ଭବନରେ ଆୟୋଜିତ ହୋଇଥିବା ରାଜ୍ୟ କ୍ୟାବିନେଟ ବୈଠକର ନିଷ୍ପତ୍ତି ଅନୁଯାୟୀ ଏହି ଯୋଜନା ଆର୍ଥିକ ବର୍ଷ **୨୦୨୪-୨୫** ରୁ ଆରମ୍ଭ ହୋଇ **୨୦୨୮-୨୯** ଆର୍ଥିକ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ଏଥିପାଇଁ **୫୫,୮୨୫** କୋଟି ଟଙ୍କାର ବଜେଟ୍ ଧାର୍ଯ୍ୟ ହୋଇଛି ।

ଏହି ଯୋଜନା ରାଜ୍ୟର **୧ କୋଟିରୁ ଊର୍ଦ୍ଧ୍ୱ** ମହିଳାମାନଙ୍କର ଜୀବନରେ ପରିବର୍ତ୍ତନ ଆଣିବ । ଏଥିରେ ରାଜ୍ୟର **୨୧ ବର୍ଷ** କିମ୍ବା **ତଦୁର୍ଦ୍ଧ୍ୱ** ଏବଂ **୬୦ ବର୍ଷରୁ କମ୍** ସମସ୍ତ ଯୋଗ୍ୟ ମହିଳାମାନଙ୍କୁ ସାମିଲ କରାଯିବ ।

ପ୍ରତିବର୍ଷ ସମସ୍ତ ହିତାଧିକାରୀଙ୍କୁ **ରାକ୍ଷୀ ପୂର୍ଣ୍ଣିମା ଦିବସ** ଏବଂ **ଅନ୍ତର୍ଜାତୀୟ ମହିଳା ଦିବସ (୮ ମାର୍ଚ୍ଚ)** ରେ **୫,୦୦୦/- ଟଙ୍କା** ଲେଖାଏଁ ବାର୍ଷିକ  ମୋଟ **୧୦,୦୦୦ ଟଙ୍କା** ପ୍ରଦାନ କରାଯିବ । ତେଣୁ, ପାଞ୍ଚ ବର୍ଷରେ ଜଣେ ଯୋଗ୍ୟ ମହିଳା ହିତାଧିକାରୀ ମୋଟ ୫୦,୦୦୦ ଟଙ୍କା ପାଇବେ । ସହାୟତା ପ୍ରଦାନରେ ସ୍ୱଚ୍ଛତାକୁ ନିଶ୍ଚିତ କରିବା ପାଇଁ  **ଆଧାର ପେମେଣ୍ଟ ବ୍ରିଜ୍ ସିଷ୍ଟମ (APBS)** ମାଧ୍ୟମରେ ଯୋଗ୍ୟ ହିତାଧିକାରୀମାନଙ୍କ **ଆଧାର-ସକ୍ଷମ ଏକକ-ଧାରକ (DBT)** ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ଆର୍ଥିକ ସହାୟତା  ପଠାଯିବା ସଙ୍ଗେ ସଙ୍ଗେ ହିତାଧିକାରୀମାନଙ୍କୁ ଏକ **"ସୁଭଦ୍ରା"** ଡେବିଟ୍ କାର୍ଡ ମଧ୍ୟ ପ୍ରଦାନ କରାଯିବ ।

ଡିଜିଟାଲ କାରବାରକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟର ପ୍ରତ୍ୟେକ **ଗ୍ରାମ ପଞ୍ଚାୟତ** ଏବଂ **Urban Local Body** ରେ ସର୍ବାଧିକ ପରିମାଣର ଡିଜିଟାଲ୍ କାରବାର କରିଥିବା **୧୦୦ ଜଣ** ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ **ଅତିରିକ୍ତ ୫୦୦ ଟଙ୍କା** ପ୍ରୋତ୍ସାହନ ରାଶି ରୂପେ ପ୍ରଦାନ କରାଯିବ ।

ଆମ ସରକାର ଅନ୍ତ୍ୟୋଦୟରେ  ବିଶ୍ୱାସ କରେ । ତେଣୁ ଆର୍ଥିକ **ସ୍ୱଚ୍ଛଳ ବର୍ଗର ମହିଳା, ସରକାରୀ ଚାକିରୀ କରୁଥିବା ମହିଳା ଓ ଆୟକର ପ୍ରଦାନ କରୁଥିବା ମହିଳାମାନେ** ଏହି ଯୋଜନାରେ ସାମିଲ ହେବା ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ। ଏତଦ୍‌ବ୍ୟତୀତ, କୌଣସି ସରକାରୀ ଯୋଜନାରେ **ମାସିକ ୧,୫୦୦ ଟଙ୍କା** କିମ୍ବା ତଦୁର୍ଦ୍ଧ ଅଥବା **ବାର୍ଷିକ ୧୮,୦୦୦ ଟଙ୍କା** କିମ୍ବା ତଦୁର୍ଦ୍ଧ ସହାୟତା ରାଶି ପାଉଥିବା ମହିଳାମାନେ **'ସୁଭଦ୍ରା'** ଯୋଜନାରେ ସାମିଲ ହେବା ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ।

ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ମହିଳାମାନେ **ଅଙ୍ଗନୱାଡି କେନ୍ଦ୍ର, ବ୍ଲକ କାର୍ଯ୍ୟାଳୟ, ମୋ ସେବା କେନ୍ଦ୍ର, ଜନ ସେବା କେନ୍ଦ୍ର** ଇତ୍ୟାଦିରେ ମାଗଣାରେ ଉପଲବ୍ଧ ଫର୍ମ ପୂରଣ କରି ଆବେଦନ କରିପାରିବେ । 'ସୁଭଦ୍ରା' ପାଇଁ ଏକ CALL CENTRE ମଧ୍ୟ କାର୍ଯ୍ୟକ୍ଷମ ହେବ ।

ଏହାର କାର୍ଯ୍ୟକାରିତା ଏବଂ ତଦାରଖ କରିବାକୁ **ମହିଳା ଏବଂ ଶିଶୁ ବିକାଶ ବିଭାଗ** ଏକ **"ସୁଭଦ୍ରା" ସମିତି (ସୋସାଇଟି)** ଗଠନ କରିବ।

**"ସୁଭଦ୍ରା"** ଯୋଜନା ର ଶୁଭାରମ୍ଭ ଯଥାଶୀଘ୍ର କରିବା ପାଇଁ ଆମ ସରକାର ପଦକ୍ଷେପ ନେଉଛନ୍ତି ।

**ରାଜ୍ୟ କ୍ୟାବିନେଟର ଏହି ଦୂରଦୃଷ୍ଟି ସମ୍ପନ୍ନ ଓ ସୁଦୂରପ୍ରସାରୀ ନିଷ୍ପତ୍ତି** ସରକାରଙ୍କ ଦ୍ୱାରା ଜନସାଧାରଣଙ୍କୁ ଦିଆଯାଇଥିବା ପ୍ରତିଶୃତିକୁ ପୂରଣ କରିବ । **"ସୁଭଦ୍ରା"** ଯୋଜନା ର ସଫଳ କାର୍ଯ୍ୟାନ୍ୱୟନ ଓ ରୂପାୟନ ପାଇଁ ଏବଂ ଏହି ଯୋଜନାରୁ ଯେପରି କୌଣସି ଯୋଗ୍ୟ ମହିଳା ବଞ୍ଚିତ ନ ହୁଅନ୍ତି ସେଥିପାଇଁ ମୁଁ ଏହି **ପବିତ୍ର ଗୃହରେ** ଆପଣମାନଙ୍କର ସକ୍ରିୟ ସହଯୋଗ କାମନା କରୁଅଛି ।